ଧରିତ୍ରୀ
DHARITRI

ମନ ମିଜାଜ


ଗୁରୁବାର, ୨୯ ନଭେମ୍ବର, ୨୦୧୮



# ସ୍ପା

## ସୌନ୍ଦର୍ଯ୍ୟ ସହ ବଢ଼ାଉଛି ଫିଟ୍‌ନେସ୍

**ଏକ ସୁଗନ୍ଧିତ କୋଠରି ଭିତରେ ସ୍ଲୋ ମ୍ୟୁଜିକ୍ ସାଙ୍ଗକୁ ଡିମ୍ ଲାଇଟ୍। ଆଉ ଏଭଳି ସୁନ୍ଦର ପରିବେଶରେ ବଡି ମସାଜ୍, ଆଃ! ସତରେ କି ଆରାମ ଦାୟକ। ତେବେ ଏସବୁ ଏକାଠି ମିଳିବା ବର୍ତ୍ତମାନ ଆଉ ସ୍ୱପ୍ନ ନୁହେଁ ବରଂ ସତରେ ପରିଣତ କରିଛି ସ୍ପା। ଯାହା କେବଳ ସୌନ୍ଦର୍ଯ୍ୟ ବୃଦ୍ଧି ନୁହେଁ ବରଂ କ୍ଳାନ୍ତି ଦୂରକରି ଶାରୀରିକ ତୃପ୍ତି ସାଙ୍ଗକୁ ଦେଇପାରୁଛି ମାନସିକ ଶାନ୍ତି...**





ବର୍ତ୍ତମାନ ନିୟମିତ ସମୟ ଅନ୍ତରାଳରେ ସ୍ପା ଯିବା ଅନେକଙ୍କ ଜୀବନଶୈଳୀରେ ସାମିଲ ହୋଇସାରିଛି। ଏହା କାହା ଲାଗି ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଭିତରେ କିଛି କ୍ଷଣ ରିଲାକ୍ସ ପାଇବାର ଏକ ଫର୍ମୁଲା ପାଲଟିଛି ତ ଆଉ କାହା ପାଇଁ ସାଜିଛି ସୌନ୍ଦର୍ଯ୍ୟ ବୃଦ୍ଧିର ମାଧ୍ୟମ। ବିଭିନ୍ନ ପ୍ରକାର ସ୍ପା ଥେରାପି ଦ୍ୱାରା କିଛି ମାତ୍ରାରେ ଶାରୀରିକ ତଥା ମାନସିକ ଶାନ୍ତି ପାଇବା ଲାଗି ଦୈନନ୍ଦିନ କାର୍ଯ୍ୟର ଚାପରେ ରହୁଥିବା କର୍ମଜୀବୀ ତଥା ଅନ୍ୟମାନେ ଏଥିପ୍ରତି ଆଗ୍ରହୀ ହେଉଛନ୍ତି। ସେହିପରି ଫିଲ୍ମ, ମିଡିଆ କିମ୍ବା ଫ୍ୟାଶନ୍ ବା ଗ୍ଲାମର ଇଣ୍ଡଷ୍ଟ୍ରୀରେ କାର୍ଯ୍ୟ କରୁଥିବା ଅଧିକାଂଶ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଏହାକୁ ଆପଣାଉଥିବା ଦେଖିବାକୁ ମିଳୁଛି। ଏହା ତ୍ୱଚାକୁ ସୌନ୍ଦର୍ଯ୍ୟ ତଥା ସୁରକ୍ଷା ପ୍ରଦାନ କରିବା ସହିତ ବ୍ୟକ୍ତିକୁ ମାନସିକ ଚାପ, କ୍ରୋଧ, ମୁଣ୍ଡବ୍ୟଥା, ନିଦ୍ରାହୀନତା, ରକ୍ତଚାପ, ମଧୁମେହ, ମେଦବହୁଳତା, ଶରୀର ପୀଡା ଆଦି ସମସ୍ୟାଠାରୁ ମଧ୍ୟ ଦୂରେଇ ରଖିବାରେ ସାହାଯ୍ୟ କରୁଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ବିଭିନ୍ନ ସ୍ପା ଥେରାପି ଦ୍ୱାରା ଆଣ୍ଠୁଗଣ୍ଠି ବ୍ୟଥା ଭଳି କେତେକ ସମସ୍ୟା ଦୂରେଇବା ଲାଗି ଫିଜିଓଥେରାପି ଟ୍ରିଟ୍‌ମେଣ୍ଟ ମଧ୍ୟ କରାଯାଉଛି। ତେବେ ଏହାର ବିଭିନ୍ନ ଉପକାରିତା ଦୃଷ୍ଟିରୁ ଏଥିପ୍ରତି ଯୁବବର୍ଗଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶଙ୍କର ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ସ୍ପା ସେଣ୍ଟର ଉପଭୋକ୍ତାଙ୍କ ଆବଶ୍ୟକତା ଅନୁଯାୟୀ ଭିନ୍ନ ଭିନ୍ନ ମସାଜ କିମ୍ବା ଥେରାପି ଯେପରିକି ଫୁଟ୍ ମସାଜ, ଡିପ୍ ଟିସୁ ମସାଜ, ଫୁଲ୍ ବଡି ମସାଜ୍, ଆରୋମା

ପୃ ୭



ପ୍ରଥମ ପୃଷ୍ଠାରୁ...



# ସ୍ପା ସୌନ୍ଦର୍ଯ୍ୟ ସହ ବଢ଼ାଉଛି ଫିଟ୍‌ନେସ୍

ଥେରାପି, ଆଶିଆସୁ ଓରିଏଣ୍ଟାଲ ବାର୍ ଥେରାପି, ଆୟୁର୍ବେଦିକ ମସାଜ, ଚେୟାର ମସାଜ, ଷ୍ଟୋନ୍ ମସାଜ, ବାମ୍ବୁ ମସାଜ, କନେକ୍ଟିଭ୍ ଟିସୁ ମସାଜ, କଲର ଥେରାପି, କ୍ରାନିଓସାକ୍ରାଲ ଥେରାପି, ଡେଣ୍ଟାଲ ସ୍ପା, ଏକ୍ସଫୋଲିଏଶନ୍, ହର୍ବାଲ ରାପ୍, ଲୋମି ଲୋମି, ମେଡିକାଲ ମସାଜ, ପାରାଫିନ୍, ସଫ୍ଟ ଟିସୁ ମସାଜ, ହେୟାର କେୟାର ଟ୍ରିଟ୍‌ମେଣ୍ଟ ଇତ୍ୟାଦି। ସ୍ପା ସେଣ୍ଟରରୁ ସେଣ୍ଟର ଅନୁଯାୟୀ ଏସବୁ ଟ୍ରିଟ୍‌ମେଣ୍ଟର ଦାମ୍ ଭିନ୍ନ ଭିନ୍ନ ଥିବାବେଳେ ହାରାହାରି ଦାମ୍ ୬୦୦ ଟଙ୍କାରୁ ଆରମ୍ଭ କରି ୪୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

## ଶରୀରକୁ ଏକ ଉର୍ଜ୍ଜା ପ୍ରଦାନ କରେ ବଡି ସ୍ପା



"ବଡି ଏବଂ ମାଇଣ୍ଡ ରିଲାକ୍ସ କରିବାର ଏକ ଉତ୍ତମ ମାଧ୍ୟମ ବଡି ସ୍ପା। ନିୟମିତ ସ୍ପା କରିବା ଦ୍ୱାରା ଶରୀରକୁ ଆରାମ ମିଳିବା ସହ ମାନସିକ ଅବସାଦ ମଧ୍ୟ ଦୂର ହୋଇଥାଏ। ପ୍ରୋଜେକ୍ଟ ମ୍ୟାନେଜର ଭାବେ ମୋତେ ପ୍ରତ୍ୟେକ ଦିନ ଅନେକ ଶାରୀରିକ ଏବଂ ମାନସିକ ପରିଶ୍ରମ କରିବାକୁ ପଡିଥାଏ। ତେବେ ଏସବୁ ଷ୍ଟ୍ରେସ୍‌କୁ ଦୂର କରିବା ପାଇଁ ମୋତେ ସାହାଯ୍ୟ ବେଶ୍ କରୁଛି ବଡି ସ୍ପା। ମାସରେ ଥରେ ବା ଦୁଇ ଥର ମୁଁ ଫୁଲ୍ ବଡି ସ୍ପା କରାଉଛି। ବିଭିନ୍ନ ପ୍ରକାର ସ୍ପା ମଧ୍ୟରୁ 'ଡିପ୍ ଟିସୁ ସ୍ପା' ମୋର ଫେବରାଇଟ୍। ଆକ୍ୟୁପଞ୍ଚର ମାଧ୍ୟମରେ ବିଭିନ୍ନ ପ୍ରେସର୍ ପଏଣ୍ଟରେ ପ୍ରେସର୍ ଦେବା ପରେ ଏରୋମା ଅଏଲ ମସାଜ୍ କରି ସମ୍ପୂର୍ଣ୍ଣ ଶରୀରକୁ ଆରାମ ପ୍ରଦାନ କରୁଥିବା ଏହି ଥେରାପି ନିହାତି ଭାବେ ଶରୀରକୁ ରିଲାକ୍ସ କରିବା ସହ ଏକ ଉର୍ଜ୍ଜା ମଧ୍ୟ ପ୍ରଦାନ କରିଥାଏ।

- ଅନିଲ.ଭି.ରାଓ, ପ୍ରୋଜେକ୍ଟ ମ୍ୟାନେଜର, ଏସିଟିପିଏଲ୍ ଗ୍ରୁପ୍, ଭୁବନେଶ୍ୱର









## ଭୁବନେଶ୍ୱରରେ ବଢୁଛି ସ୍ପା' ଡିମାଣ୍ଡ

ବର୍ତ୍ତମାନ ଭୁବନେଶ୍ୱରରେ ରହୁଥିବା ଅନେକ ବାସିନ୍ଦାଙ୍କର ନିୟମିତ ସମୟ ଅନ୍ତରାଳରେ ସ୍ପା ଯିବା ବି ଲାଇଫ୍‌ଷ୍ଟାଇଲ୍‌ର ଏକ ଅଭିନ୍ନ ଅଂଶ ପାଲଟି ଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା ଭିତରେ ଉଭୟ ଶାରୀରିକ ଏବଂ ମାନସିକ ଚାପରୁ ରିଲାକ୍ସ ପାଇବା ସହ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଏହା ପାଲଟିଛି ଅନେକଙ୍କ ଲାଗି ସବୁଠୁ ବେଷ୍ଟ ଅପ୍ସନ। ଉପଭୋକ୍ତାଙ୍କ ବର୍ଦ୍ଧିତ ସଂଖ୍ୟାକୁ ଆଖିଆଗରେ ରଖି ଦିନକୁ ଦିନ ଏଠାରେ ନୂଆ ନୂଆ ସ୍ପା ସେଣ୍ଟର ମଧ ଖୋଲୁଥିବା ଦେଖିବାକୁ ମିଳୁଛି। ତେବେ ଏଠାରେ ଥିବା ପାଖାପାଖି ୫୦ରୁ ଅଧିକ ଛୋଟ ବଡ଼ ସ୍ପା ମଧ୍ୟରୁ ପ୍ରମୁଖ ଲୋକପ୍ରିୟ ସ୍ପା ସେଣ୍ଟର ଗୁଡ଼ିକ ହେଉଛି– ଗଙ୍ଗା ସ୍ପା, ଦି ଆଞ୍ଜେଲ୍ସ ଟଚ୍, କିଙ୍ଗ୍ ଇଣ୍ଟର ନ୍ୟାଶନାଲ୍, ନମନ୍ ସ୍ପା ଆଣ୍ଡ ହମାମ୍, ବି ୨୧, ଶ୍ରୀ କ୍ରିଷ୍ଣା ସ୍ପା, ଦି କାୟା କଳ୍ପ ସ୍ପା, ଏକ୍ସୋଟିକ୍ ଫିଜିଓଥେରାପି ଆଣ୍ଡ ସ୍ପା ଇତ୍ୟାଦି। ସେହିପରି କେବଳ ଆୟୁର୍ବେଦିକ୍ ସ୍ପା ଟ୍ରିଟ୍‌ମେଣ୍ଟ ପାଇଁ ଇଚ୍ଛୁକ ଉପଭୋକ୍ତାଙ୍କ ଲାଗି ଆଶୀର୍ବାଦ ପଞ୍ଚକର୍ମା ହର୍ବାଲ ସ୍ପା, ସାଇ ହର୍ବାଲ ସ୍ପା, ବେଦ୍‌ସ ଆୟୁର୍ବେଦ, ଗୋପାଳ କ୍ରିଷ୍ଣା ହର୍ବାଲ ସ୍ପା ଭଳି ବିଭିନ୍ନ ସ୍ପା ଯାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଭୁବନେଶ୍ୱରରେ ଥାଇ ସ୍ପାର ଡିମାଣ୍ଡ ଦିନକୁ ଦିନ ବଢୁଥିବାର ଦେଖିବାକୁ ମିଳୁଛି। ଏଠାରେ ବାହାର ରାଜ୍ୟ ଏବଂ ଦେଶରୁ ଆସୁଥିବା ମସାଜ୍ ଏକ୍ସପର୍ଟଙ୍କ ଦ୍ୱାରା ସ୍ପେଶାଲ୍ ସ୍ପା ଟ୍ରିଟ୍‌ମେଣ୍ଟ ବ୍ୟବସ୍ଥା ରହିଛି। ତେବେ ଏଠାରେ ଥିବା ଥାଇ ସ୍ପା ସେଣ୍ଟରଗୁଡିକ ମଧ୍ୟରୁ ସବାଇ ଥାଇ ସ୍ପା, ଜିରୋ ପଏଣ୍ଟ ଥାଇ ସ୍ପା, ରୟାଲ୍ ଥାଇ ସ୍ପା, ଲିଜର୍ ଥାଇ ସ୍ପା, ଶୁଖୋ ଥାଇ ସ୍ପା, ହେଭେନ୍ ଥାଇ ସ୍ପା ଇତ୍ୟାଦି ବେଶ୍ ଲୋକପ୍ରିୟ ହୋଇପାରୁଛି।



– ପୌର୍ଣ୍ଣମାସୀ, ଲିପ୍ସା ବିଶୋଇ

## ଶାରୀରିକ ଏବଂ ମାନସିକ ଅବସାଦ ଦୂର କରେ ବଡି ସ୍ପା



"ଆଜିକାଲିର ବ୍ୟସ୍ତବହୁଳ ଜୀବନଚର୍ଯ୍ୟା ଭିତରେ ନିଜର ଶାରୀରିକ ଏବଂ ମାନସିକ ଥକାପଣ ମେଣ୍ଟାଇବା ପାଇଁ ଲୋକେ ବିଭିନ୍ନ ପନ୍ଥା ଆପଣାଉଛନ୍ତି। ତେବେ ସେ ସବୁ ମଧ୍ୟରୁ ବଡି ସ୍ପାକୁ ଅଧିକାଂଶ ଲୋକେ ଆପଣାଉଥିବା ନଜର ଆସୁଛି। ୨୫ ବର୍ଷରୁ ୬୦ ବର୍ଷ ମଧ୍ୟରେ ଥିବା ଉଭୟ୍ ମହିଳା ଏବଂ ପୁରୁଷମାନେ ଏହାକୁ ବହୁ ମାତ୍ରାରେ ପସନ୍ଦ କରୁଛନ୍ତି। ବିଶେଷକରି କାର୍ଯ୍ୟର ଚାପରୁ ରିଲାକ୍ସ ପାଇବା ଲାଗି କର୍ମଜୀବୀମାନେ ଏଥିପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି। ବଡି ସ୍ପା ଦ୍ୱାରା ସମଗ୍ର ଶରୀରକୁ ଆରାମ ମିଳିବା ସହ ମାନସିକ ଅବସାଦ ମଧ ଦୂର ହେଉଛି। ବେଷ୍ଟ ରେଜଲ୍ଟ ପାଇବା ଲାଗି ମାସକୁ ଥରେ କିମ୍ବା ଦୁଇଥର ସ୍ପା କରିବାକୁ ହେଉଛି। ତେବେ ଆମେ ଆମ ସେଣ୍ଟରରେ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ବିଭିନ୍ନ ପ୍ରକାରର ସ୍ପା ଯେପରି ଥାଇ ମସାଜ୍ ମଧରେ ଡିପ୍ ଟିସୁ ସ୍ପା, ସ୍ୱେଡିସ୍ ମସାଜ୍, ଇଣ୍ଡୋନେସିଆନ୍ ମସାଜ୍ ମଧରେ ବାଲିନିଜ ସ୍ପା, ଏରୋମା ଥେରାପି, ଲୋମିଲୋମି ମସାଜ୍, ହଟ୍ ଷ୍ଟୋନ ଥେରାପି ଆଦି ପ୍ରଦାନ କରୁଛୁ। ଏ ସବୁ ମଧ୍ୟରେ ଡିପ୍ ଟିସୁ ସ୍ପାକୁ ଲୋକେ ସବୁଠୁ ବେଶି ପସନ୍ଦ କରୁଛନ୍ତି। ବିଭିନ୍ନ ସ୍ପା ପାଇଁ ଭିନ୍ନ ଭିନ୍ନ ପ୍ରକାରର ଟେକ୍ନିକ୍, ତେଲ, ଏରୋମା ଆଦି ବ୍ୟବହାର କରାଯାଉଛି। ତେବେ ଏସବୁର ମୂଲ୍ୟ ୧୫୦୦ ରୁ ନେଇ ୩୫୦୦ ଟଙ୍କା ମଧରେ ରହୁଛି।

- ରିୟା ସିହ୍ନା, ସିନିୟର ମ୍ୟାନେଜର, ଗଙ୍ଗା ୱେଲନେସ୍ ସ୍ପା ଏଣ୍ଡ ସେଲୁନ୍, ଶହୀଦ ନଗର, ସିଆରପି, ଭୁବନେଶ୍ୱର

## ସୌନ୍ଦର୍ଯ୍ୟ ବୃଦ୍ଧି ସହ କରୁଛି ମାଇଣ୍ଡ ରିଲାକ୍ସ

"ଜଣେ ଅଭିନେତ୍ରୀ ହିସାବରେ ନିଜ ସୌନ୍ଦର୍ଯ୍ୟ ଏବଂ ଫିଟ୍‌ନେଶ୍‌କୁ ନେଇ ଯତ୍ନଶୀଳ ହେବାକୁ ପଡ଼ିଥାଏ। ଯାହାକୁ ଦୃଷ୍ଟିରେ ରଖି ପ୍ରତି ମାସରେ ଅତି କମ୍‌ରେ ଥରେ ସ୍ପା ନିଶ୍ଚିତ ଯାଏ । ବିଶେଷ କରି ଅନେକ ସମୟରେ ହେୟାର କଲରିଂ, ଷ୍ଟାଇଲିଂ ଆଦି କରିବାକୁ ହେଉଥିବାରୁ ଯେପରି ଏହାର କୌଣସି ନକାରାତ୍ମକ ପ୍ରଭାବ କେଶ ଉପରେ ନ ପଡ଼େ, ସେଥିପାଇଁ ହେୟାର ସ୍ପା କରାଇଥାଏ। ସତ କହିବାକୁ ଗଲେ କେଶର ସୌନ୍ଦର୍ଯ୍ୟ ବୃଦ୍ଧି ସହ ସୁରକ୍ଷା ତ ହୋଇଥାଏ, ହେଲେ ଏହାଦ୍ୱାରା ମାଇଣ୍ଡକୁ ଯେଉଁ ରିଲାକ୍ସ ତାହା ଅବର୍ଣ୍ଣନୀୟ। ତେଣୁ ମୋ ମତରେ ବ୍ୟସ୍ତ ଜୀବନଶୈଳୀ ଭିତରେ ମାନସିକ ଶାନ୍ତି ପାଇବା ଲାଗି ସ୍ପାଠାରୁ ଆଉ ଭଲ ଜାଗା କିଛି ନାହିଁ।

- ପୁନମ୍, ଅଭିନେତ୍ରୀ

# ଚା' ଦୋକାନ ଦେଉଛି ଦାନା ପାଣି

କେନ୍ଦୁଝର ଜିଲାର ଝୁମ୍ପୁରା ବଜାର। ପରିବା ଡେଲି ମାର୍କେଟରେ ବାଉଁଶ ପାତିଆ ଘେରା ପଲିଥିନ ଛପର ତଳେ ଦୀର୍ଘ ୨୦ ବର୍ଷ ଧରି ଏକ ଚା' ଦୋକାନ ଚାଲିଛି। ଦୁଃଖିଆ ଭାଇଙ୍କ ଚା' ଦୋକାନ ନାମରେ ଏହା ଖ୍ୟାତ। ସକାଳ ୫ରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହା ଖୋଲା ରହେ। ବହୁ ଗ୍ରାହକ ଆସି ଚା' ଆସର ସାଙ୍ଗଙ୍କୁ ଖଟି ଜମାଇଥାନ୍ତି। ଗ୍ରାହକଙ୍କ ମନ ଜାଣି ଚା' ବିସ୍କୁଟ ପରଷା ଯାଏ। ଚା'ର ସ୍ୱାଦ ଅନୁପମ, ଯାହା କି ଗ୍ରାହକଙ୍କୁ ଆକୃଷ୍ଟ କରିଆସୁଛି। ଏଭଳି ଏକ ଛୋଟ ଦୋକାନରେ ବେପାର କରି ଦୁଃଖବନ୍ଧୁ ବାରିକ ଓରଫ ଦୁଃଖିଆ ଭାଇ ପରିବାରର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଏହି ଦୋକାନ ତାଙ୍କୁ ଦେଉଛି ଦାନାପାଣି। ଗରିବ ପରିବାରରେ ଜନ୍ମ ନେଇଥିବା ଦୁଃଖବନ୍ଧୁ ନିଜେ ପାଠପଢ଼ି ନ ଥିଲେ ବି ନିଜର ୨ ପୁଅ ଓ ଗୋଟିଏ ଝିଅଙ୍କୁ ସୀମିତ ରୋଜଗାରରେ ମାଟ୍ରିକ୍ ପର୍ଯ୍ୟନ୍ତ ପାଠପଢ଼ାଇ ପାରିଛନ୍ତି। ବୃତ୍ତି ସାନ ହେଉକି ବଡ଼ ସେଥିପ୍ରତି ନିଷ୍ଠା ରଖିଲେ ପେଟ ଅପୋଷା ରହିବ ନାହିଁ। ଉତ୍ତମ ବ୍ୟବହାର ବ୍ୟବସାୟର ସଫଳତା ବୋଲି ସେ କହନ୍ତି।



ନିଜ ଚା' ଦୋକାନରେ ଦୁଃଖିଆ ଭାଇ।

ଝୁମ୍ପୁରା ବଜାରଠାରୁ ୨ କି.ମି. ଦୂର ଭାଲୁକା ଗାଁରେ ଦୁଃଖବନ୍ଧୁଙ୍କ ଘର। ରାତିରେ ଦୋକାନ ବନ୍ଦ କରି ଘରକୁ ଫେରି ଯାଆନ୍ତି। ପୁଣି ଭୋର ସମୟରୁ ଆସି ଦୋକାନ ଖୋଲନ୍ତି। ତାଙ୍କର ସରଳ ଓ ଅମାୟିକ ଜୀବନଧାରା ତାଙ୍କୁ ଚର୍ଚ୍ଚାକୁ ଆଣିଛି। ଦୁଃଖବନ୍ଧୁ କହନ୍ତି, ସେ ଜୀବନରେ ବହୁ ଦୁଃଖ, କଷ୍ଟ ସହିଛନ୍ତି। ପେଟ ପୋଷିବା ପାଇଁ ପିଲାଦିନୁ ସେ ହୋଟେଲରେ ଶ୍ରମିକ ଭାବେ କାମ ଆରମ୍ଭ କରିଥିଲେ। ଏମିତି ଦୀର୍ଘ ବର୍ଷ କଟିବା ପରେ ତାଙ୍କର ବିବାହ ହୋଇଥିଲା। ପରିବାର ଚଳାଇବା ଲାଗି ନିଜେ କିଛି କରି ଆତ୍ମ ନିର୍ଭରଶୀଳ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହି ଇଚ୍ଛା ଶକ୍ତି ହିଁ ତାଙ୍କୁ ବାଟ ଦେଖାଇଥିଲା। ସୀମିତ ପୁଞ୍ଜିରେ ଅସ୍ଥାୟୀ ଚା' ଦୋକାନ ଖୋଲି ସେବେଠାରୁ ବେପାର କରି ଆସୁଛନ୍ତି। ଜୀବିତ ଅବସ୍ଥାରେ ତାଙ୍କ ସ୍ତ୍ରୀ ସହଯୋଗ କରିଥିଲେ। ସ୍ତ୍ରୀଙ୍କ ଅକାଳ ବିୟୋଗ ତାଙ୍କୁ ଅସହାୟ କରି ଦେଇଥିଲା। ହେଲେ ସେ ହାରି ନ ଯାଇ ଗୋଟିଏ ଝିଅ ଓ ୨ପୁଅ ବିଦେଶୀ ଓ ନିର୍ମଳକୁ ପାଠ ପଢାଇ ଥିଲେ। ଝିଅ ଓ ବଡ଼ ପୁଅକୁ ପରେ ବାହାଘର କରାଇ ଦେଇଛନ୍ତି। ବଡ଼ପୁଅ ବିଦେଶୀ ତାଙ୍କ ଚା' ଦୋକାନରେ

**ନିଆରା ବ୍ୟକ୍ତିତ୍ୱ**

ସାହାଯ୍ୟ କରୁଥିବାରୁ ସାନ ପୁଅ ସ୍ଥାନୀୟ ବଜାରର ଏକ ରାଶନ ଦୋକାନରେ କାମ କରୁଛନ୍ତି। ସେ ବିଭିନ୍ନ ହୋଟେଲରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଶିଖିଥିବା ତରିକା ତାଙ୍କୁ ଚା' ଦୋକାନ ଚଳାଇବାରେ ସହଯୋଗ କରିଛି। ଅଭାବ ଅନଟନ ଓ ଦୁଃଖ ଭିତରେ ବଞ୍ଚିଥିଲେ ବି ଦୁଃଖବନ୍ଧୁ କାହା ପାଖରେ ହାତପାତି ନାହାନ୍ତି। ଆମାୟିକ ବ୍ୟବହାର ଓ ହସି ମଜାକରି କଥା କହିବା କଳା ତାଙ୍କୁ ସମସ୍ତଙ୍କ ପ୍ରିୟ କରିଛି। ପରିଚିତ ଗ୍ରାହକ ତାଙ୍କୁ ଦୁଃଖିଆ ଭାଇ ବୋଲି ଡାକିଲେ ସେ ଆତ୍ମସନ୍ତୋଷରେ ବିଭୋର ହୋଇ ଉଠନ୍ତି। ବୟସର ଅପରାହ୍ନରେ ବି ସେ ଥକି ନ ପଡ଼ି ଦୋକାନ ଚଳାଇବାକୁ କଠିନ ପରିଶ୍ରମ କରୁଛନ୍ତି। ପରିଶ୍ରମ କଲେ ଫଳ ନିଶ୍ଚିତ ଓ ଏଥିରୁ ମନକୁ ଶାନ୍ତି ମିଳେ ବୋଲି ସେ କୁହନ୍ତି।

ରିପୋର୍ଟ: **ଶଶିଭୂଷଣ ସାହୁ**

# କଙ୍କଡ଼ା ମସଲା

ଖାଦ୍ୟ ପ୍ରତି ଅନେକଙ୍କ ବିଶେଷ ଦୁର୍ବଳତା ଥାଏ। ଯେଉଁ ହୋଟେଲରେ ସୁସ୍ୱାଦୁ ଖାଦ୍ୟ ମିଳେ, ସେଠାରେ ରହିବାକୁ ପର୍ଯ୍ୟଟକ ପସନ୍ଦ କରିଥାନ୍ତି। ତେଣୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପୁରୀର ବିଭିନ୍ନ ହୋଟେଲରେ ଭଲ ଖାଦ୍ୟ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏହି ହୋଟେଲଗୁଡ଼ିକ ମଧ୍ୟରୁ ହଲିଡେ ରିସର୍ଟ ଅନ୍ୟତମ। ପୁରୀ ସିଟି ରୋଡଠାରେ ରହିଥିବା ଏହି ହୋଟେଲ ଗ୍ରାହକଙ୍କ ଚାହିଦାକୁ ଦେଖି ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରିଥାଏ। ଆମିଷ ଖାଦ୍ୟ ମଧ୍ୟରେ ଓଡ଼ିଆ ଡିସ୍ 'କଙ୍କଡ଼ା ମସଲା'ର ବେଶ୍ ଚାହିଦା ରହିଛି। ଏହାର ଗୋଟିଏ ପ୍ଲେଟ୍ ଦାମ୍ ରହୁଛି ୮୦୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ କହିଛନ୍ତି ହୋଟେଲ ହଲିଡେ ରିସର୍ଟର ମୁଖ୍ୟ ସେଫ୍ ଶେଖ୍ ମଞ୍ଜୁର।



## ଆବଶ୍ୟକ ସାମଗ୍ରୀ

- କଙ୍କଡ଼ା-୧ଟି (୪୦୦ ଗ୍ରାମ୍)
- ରିଫାଇନ ତେଲ- ୩ ଟେବୁଲ ଚାମଚ
- କଟା ପିଆଜ-୧୦୦ ଗ୍ରାମ୍
- ଗୋଟା ଧନିଆ-୧ ଟେବୁଲ ଚାମଚ
- ଗୋଟା ଜିରା-୧ ଚାମଚ
- ଗୋଲ ମରିଚ-୫/୬ଟି
- ଶୁଖିଲା ଲଙ୍କା-୧ଟି
- ଲବଙ୍ଗ-୨ଟି
- କଟା ଅଦା-୧ ଟେବୁଲ ଚାମଚ
- କଟା ରସୁଣ -୧ ଟେବୁଲ ଚାମଚ
- ଟମାଟୋ ବଟା-୧ କପ୍
- ପାନ ମଧୁରୀ-୧ ଚାମଚ
- ହଳଦୀଗୁଣ୍ଡ-୧ ଚାମଚ
- ଦହି- ୫୦ ଗ୍ରାମ୍
- ଆବଶ୍ୟକ ପରିମାଣର ଲୁଣ




## ପ୍ରସ୍ତୁତି ପ୍ରଣାଳୀ

**ଖାଦ୍ୟ ରୁଚି**

ପ୍ରଥମେ କଙ୍କଡ଼ାର ଅନାବଶ୍ୟକ ଅଂଶ କାଢି ଏହାକୁ ଭଲ ଭାବେ ଧୋଇଦେବେ। ଏକ ପ୍ୟାନ୍‌ରେ ଗୋଟିଏ ଟେବୁଲ ଚାମଚ ରିଫାଇନ ତେଲ ପକାଇ ନିଆଁରେ ବସାନ୍ତୁ। ତେଲ ଗରମ ହୋଇଯିବା ପରେ ୫୦ ଗ୍ରାମ୍ କଟା ପିଆଜ, ଗୋଟା ଧନିଆ, ଗୋଟା ଜିରା, ଶୁଖିଲା ଲଙ୍କା, ଗୋଲମରିଚ, ଲବଙ୍ଗ, କଟା ଅଦା ଓ ରସୁଣ ପକାଇ ପ୍ରାୟ ୫ ମିନିଟ୍ ଭାଜନ୍ତୁ। ସାମାନ୍ୟ ଲାଲ ହୋଇଗଲା ପରେ ଗ୍ୟାସ୍ ବନ୍ଦ କରି ସେଥିରେ ପାନମଧୁରୀ ପକାଇ ତାହାକୁ ଏକ ପାତ୍ରରେ କାଢ଼ିଦିଅନ୍ତୁ। ଏହାକୁ ଭଲ ଭାବେ ଗ୍ରାଇଣ୍ଡିଂ କରନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ବଳକା ତେଲ ପକାଇ ଗରମ ହେବା ପରେ ବାକି କଟା ପିଆଜକୁ ପକାଇ ଭାଜନ୍ତୁ। ପିଆଜ ସାମାନ୍ୟ ବ୍ରାଉନ ହୋଇଯିବା ପରେ ସେଥିରେ ଟମାଟୋ ବଟା ପକାନ୍ତୁ। ପ୍ରାୟ ୫ ମିନିଟ୍ ଭାଜି ସେଥିରେ ହଳଦୀଗୁଣ୍ଡ ଏବଂ ଗ୍ରାଇଣ୍ଡିଂ ହୋଇଥିବା ପେଷ୍ଟ ପକାଇ ମସଲାରୁ ତେଲ ଛାଡିବା ପର୍ଯ୍ୟନ୍ତ କଷନ୍ତୁ। ସେଥିରେ ୧୦୦ ମିଲିଗ୍ରାମ୍ ପାଣି ଦେଇ କଙ୍କଡ଼ା ପକାଇ ଏକ ଢାଙ୍କୁଣୀ ଘୋଡାଇ ଦିଅନ୍ତୁ। ପ୍ରାୟ ୫ ମିନିଟ୍ ପରେ ଢାଙ୍କୁଣୀ କାଢି କିଛି ସମୟ ମସଲାରେ କଷନ୍ତୁ। ଏହା ହୋଇଗଲା ପରେ ପ୍ଲେଟରେ କାଢି ତା ଉପରେ ଧନିଆପତ୍ର ଛିଞ୍ଚିଦିଅନ୍ତୁ। ଭାତ କିମ୍ବା ରୁଟିରେ ଗରମ ଗରମ ପରଷନ୍ତୁ।

-ରିପୋର୍ଟ: **ହେମନ୍ତ ନାୟକ**

# ସେଲ୍ଫି କର୍ଣ୍ଣର

**ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

balasoreselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)



@ ଦେବ



@ ଦୀପୁ



@ ଅମିୟ



@ ବବ୍ଲୁ




@ ଅବିନାଶ



@ ଚିତ୍ତ



@ ମନୋରଞ୍ଜନ



@ ବ୍ରହ୍ମା



@ ବନ୍ଦିତା



@ ବଳରାମ



@ ବାଦଲ



@ ମୃତ୍ୟୁଞ୍ଜୟ



@ ଗଦା



@ ଆଦ୍ୟାତ



@ ଗଜେନ୍ଦ୍ର

# ବିଏମ୍‌ସି ଭବାନୀ ଏନ୍‌କ୍ଲେଭ

ଗୃହ ପ୍ରବେଶ-୨୦୦୭

ଫ୍ଲାଟ ସଂଖ୍ୟା-୧୨୭

ଲୋକ ସଂଖ୍ୟା-୫୦୦

ସୋସାଇଟି-ବିଏମ୍‌ସି ଭବାନୀ ଏନ୍‌କ୍ଲେଭ ୱେଲଫେୟାର ସୋସାଇଟି

ସଭାପତି-କୃଷ୍ଣ କୁମାର ପଣ୍ଡା

ଉପସଭାପତି-ହେମନ୍ତ କୁମାର ପଟ୍ଟନାୟକ

ସମ୍ପାଦକ-ଡ. ମହେନ୍ଦ୍ର ପ୍ରସାଦ

ଯୁଗ୍ମ ସମ୍ପାଦକ-ସନ୍ତୋଷ କୁମାର ପାତ୍ର

କୋଷାଧ୍ୟକ୍ଷ-ଉମେଶ ଚନ୍ଦ୍ର ମହାରଣା

ଉପଦେଷ୍ଟା- ବିଶ୍ୱଜିତ ମିଶ୍ର




ରିପୋର୍ଟ: ଜ୍ୟୋତିରଞ୍ଜନ ମହାପାତ୍ର
ଫଟୋ: ବିକାଶ ନାୟକ

ଶହୀଦନଗରରେ ରହିଛି ବିଏମ୍‌ସି ଭବାନୀ ଏନ୍‌କ୍ଲେଭ ଆପାର୍ଟମେଣ୍ଟ। ଏହା ପଛପାର୍ଶ୍ୱରେ ଆଇନକ୍ସ ତଥା ବିଏମ୍‌ସି ଭବାନୀ ମଲ୍ ଏବଂ ସମ୍ମୁଖରେ ମହର୍ଷି କଲେଜ ଓ ଆର୍ଯ୍ୟ ସମାଜ ରହିଛି। ଆପାର୍ଟମେଣ୍ଟ ଭିତରେ ଗାର୍ଡେନ ଏବଂ ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଫୁଲଗଛ ଦ୍ୱାରା ପ୍ରାକୃତିକ ପରିବେଶ ସୃଷ୍ଟି କରାଯାଇଛି। ବିଏମ୍‌ସି ଦ୍ୱାରା ବିଭିନ୍ନ ଆପାର୍ଟମେଣ୍ଟକୁ ନେଇ କରାଯାଉଥିବା ପ୍ରତିଯୋଗିତାରେ ଏହି ଆପାର୍ଟମେଣ୍ଟ ପ୍ରଥମ ସ୍ଥାନ ଅଧିକାର କରିଛି। ଅଗ୍ନି ନିରାପତ୍ତା, ସିସିଟିଭି କ୍ୟାମେରା ସାଙ୍ଗକୁ ସୁରକ୍ଷା କର୍ମୀଙ୍କ ଦ୍ୱାରା ୨୪ ଘଣ୍ଟିଆ କଡ଼ା ସୁରକ୍ଷା ବ୍ୟବସ୍ଥା, ପାର୍କ, ଜଗିଂ ଟ୍ରାକ୍, କମ୍ୟୁନିଟି ହଲ୍, ପାଠାଗାର, ମଲ୍ଟି ଜିମ ଏବଂ ଇନ୍‌ଡୋର ଗେମ୍ ପର୍ଯ୍ୟନ୍ତ ସମସ୍ତ ପ୍ରକାର ବ୍ୟବସ୍ଥା ଏଠାରେ ଉପଲବ୍ଧ ରହିଛି।





## ଆଧୁନିକତାର ଚାକଚକ୍ୟ ଭିତରେ ସଂସ୍କୃତି ବଞ୍ଚିରହିଛି



ସମସ୍ତ ପରିବାର ଏଠାରେ ଏକ ମନ ହୋଇ ଚଳିବା ସହ ପରସ୍ପରର ସୁବିଧା ଅସୁବିଧାରେ ସହଯୋଗର ହାତ ବଢ଼ାଇଥାନ୍ତି। ୧୦ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସେମାନଙ୍କ ପରିବାରର ବିନା ଅନୁମତିରେ ଗେଟ ବାହାରକୁ ଛଡାଯାଏ ନାହିଁ। ଅଁଳା ନବମୀଠାରୁ ଆରମ୍ଭ କରି ଚୈତ୍ର ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଛୋଟ ଛୋଟ ପର୍ବକୁ ମହିଳାମାନେ ମିଳିମିଶି ପାଳନ କରନ୍ତି। ଆପାର୍ଟମେଣ୍ଟ ପରିସରରେ ଥିବା ଏକ ଅଁଳା ଗଛକୁ ପୂଜା କରାଯିବା ସହ ଚୈତ୍ର ପୂର୍ଣ୍ଣିମାରେ ମାଟି ମା’ ଧରିତ୍ରୀର ପୂଜା କରି ପଣା ଦିଆଯାଏ। ଆଧୁନିକତାର ଚାକଚକ୍ୟ ମଧ୍ୟରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଏଠାକାର ବାସିନ୍ଦାମାନେ ବଞ୍ଚାଇ ରଖିଛନ୍ତି।

- କୃଷ୍ଣ କୁମାର ପଣ୍ଡା, ସଭାପତି

## ଆପାର୍ଟମେଣ୍ଟ ଖର୍ଚ୍ଚର ଅଡିଟ୍ ହୁଏ



ପ୍ରତିବର୍ଷ ଆପାର୍ଟମେଣ୍ଟର ପ୍ରତ୍ୟେକ ଟିକିନିଖି ଖର୍ଚ୍ଚର ଅଡିଟ୍ ହୁଏ। ବାର୍ଷିକ ମିଟିଂରେ ଏହାକୁ ଉପସ୍ଥାପନ କରାଯାଇଥାଏ। ଉଚିତ ସମୟରେ ସୋସାଇଟିର ଆୟକର ପଇଠ କରାଯିବାଠାରୁ କର୍ମଚାରୀମାନଙ୍କୁ ଦରମା ଦିଆଯାଏ। କାର୍ଯ୍ୟରତ କର୍ମଚାରୀମାନଙ୍କ କୌଣସି ସମସ୍ୟା ଯେପରି ନ ହେବ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥାଏ।

- ଉମେଶ ଚନ୍ଦ୍ର ମହାରଣା, କୋଷାଧ୍ୟକ୍ଷ

## ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିର କରାଯାଏ



ସୋସାଇଟିର ଲୋକମାନଙ୍କ ସହଯୋଗରେ କମିଶନରେଟ ପୋଲିସ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଆପାର୍ଟମେଣ୍ଟ ପରିସରରେ ପରିଷ୍କାର ପରିଚ୍ଛନ୍ନତାକୁ ସର୍ବଦା ଗୁରୁତ୍ୱ ଦିଆଯାଇଥାଏ। ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ରକ୍ତଦାନ ଶିବିର ଆୟୋଜନ କରାଯାଏ।

- ହେମନ୍ତ କୁମାର ପଟ୍ଟନାୟକ, ଉପସଭାପତି

## ଫ୍ଲାଟ କର୍ମଚାରୀଙ୍କୁ ଉତ୍ସାହିତ ପାଇଁ ପୁରସ୍କୃତ କରାଯାଏ



ଆପାର୍ଟମେଣ୍ଟ ମଧ୍ୟ ଭାଗରେ ରହିଥିବା ପାର୍କରେ ପ୍ରତିଦିନ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବ ଏବଂ ବୟସ୍କମାନେ ଏକାଠି ହୋଇ ଭାବର ଆଦାନପ୍ରଦାନ କରନ୍ତି। ଅଗଷ୍ଟ ୧୫ ଏବଂ ଜାନୁୟାରୀ ୨୬ରେ ପତାକା ଉତ୍ତୋଳନ କରାଯିବା ସହ ଫ୍ଲାଟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଉତ୍ସାହିତ କରିବା ଲାଗି ପୁରସ୍କୃତ କରାଯାଇଥାଏ। ସ୍ଥାନୀୟ ଲକ୍ଷ୍ମୀପୂଜାରେ ସୋସାଇଟି ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଏ। ୭ ଦିନ ଧରି ପ୍ରତ୍ୟେକ ସନ୍ଧ୍ୟାରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥାଏ।

- ସନ୍ତୋଷ କୁମାର ପାତ୍ର, ଯୁଗ୍ମ ସମ୍ପାଦକ

## ୩୦ ପ୍ରଜାତିର ତୁଳସୀ ଗଛ



ଆପାର୍ଟମେଣ୍ଟ ପରିସରରେ ଚାରାରୋପଣ କରାଯାଏ। ପ୍ରାୟ ୩୦ ପ୍ରକାର ତୁଳସୀ ଗଛ ଏବଂ ୫୦ରୁ ଊର୍ଦ୍ଧ୍ୱ ପ୍ରକାର ଫୁଲ ଓ ଫଳଗଛ ଲଗାଯାଇଛି। ପାଣିକୁଣ୍ଡରେ କଇଁଫୁଲ ଫୁଟୁଥିବାବେଳେ ଆମ୍ବ, ପିଜୁଳି ଗଛରେ ଫଳ ମଧ୍ୟ ଫଳୁଛି। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ରହିବା ପାଇଁ ଆଶ୍ରୟ ନାମକ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କକ୍ଷ ରହିଛି। ନୂଆବର୍ଷ ପାଇଁ ଡିସେମ୍ବର ୩୦ରୁ ଜାନୁୟାରୀ ୧ ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯାଏ। ପିଲା, ବରିଷ୍ଠ ନାଗରିକ ଏବଂ ସୋସାଇଟିରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥାଏ।

- ଡ. ମହେନ୍ଦ୍ର ପ୍ରସାଦ, ସମ୍ପାଦକ

## ସମସ୍ତେ ନିଷ୍ଠାର ସହ ନିଜ କର୍ତ୍ତବ୍ୟ କରନ୍ତି



ଆପାର୍ଟମେଣ୍ଟ ମଧ୍ୟରେ ଏକ ସୁନ୍ଦର ପରିବେଶ ରହିଛି। ବାସିନ୍ଦାଙ୍କ ପାଇଁ ପାର୍କ, ଜଗିଂ କୋର୍ଟ, କମ୍ୟୁନିଟି ହଲ୍, ପାଠାଗାର, ମଲ୍ଟି ଜିମ ଏବଂ ଇନ୍‌ଡୋର ଗେମ ପର୍ଯ୍ୟନ୍ତ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି। ସୋସାଇଟି ଦାୟିତ୍ୱରେ ଥିବା ପ୍ରତ୍ୟେକ ବ୍ୟକ୍ତି ତାଙ୍କ କାର୍ଯ୍ୟକୁ ନିଷ୍ଠାର ସହ କରନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରକାର ସମସ୍ୟା ଦେଖାଦେଇ ନାହିଁ।

- ବିଶ୍ୱଜିତ ମିଶ୍ର, ଉପଦେଷ୍ଟା

## ଉତ୍ସବ ଓ ପର୍ବପର୍ବାଣି

ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ସରସ୍ୱତୀ ପୂଜା, ଗଣେଶ ପୂଜା, ଦୀପାବଳି, ଲକ୍ଷ୍ମୀପୂଜା, ଦଶହରା, ଇଦ୍, ହୋଲି ଏବଂ ନବବର୍ଷକୁ ଅତି ଧୁମଧାମରେ ପାଳନ କରାଯାଏ। ବିଭିନ୍ନ ପର୍ବପର୍ବାଣିକୁ ସମସ୍ତେ ମିଳିମିଶି ପାଳନ କରନ୍ତି। ନୂଆ ବର୍ଷକୁ ୩ ଦିନ ଧରି ଫ୍ଲାଟ ବାସିନ୍ଦାମାନେ ଉପଭୋଗ କରିଥାନ୍ତି। ଏହି ସମୟରେ ବରିଷ୍ଠ ନାଗରିକ, ମହିଳାମାନଙ୍କଠାରୁ ଆରମ୍ଭ କରି ଛୋଟ ପିଲାମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

# ପାଠପଢ଼ା ଭିତରେ ପ୍ରେମ ପାଇଁ ସମୟ ପାଇ ନ ଥିଲି

**ନିଜ କଥା**

**କେମିତି ଆଇପିଏସ୍ ପାଇବି ସେହି ଲକ୍ଷ୍ୟ ନେଇ ପାଠ ପଢୁଥିଲି। ପ୍ରାୟ ୧୮ ଘଣ୍ଟା ପାଠ ସହିତ ବିତାଇବାକୁ ପଡୁଥିଲା। ଯେହେତୁ ସମସ୍ତ ସମୟ ପାଠରେ ଯାଉଥିଲା, ତେଣୁ ଇଚ୍ଛା ଥିଲେ ବି ପ୍ରେମ କରିବାକୁ ସମୟ ଅନୁମତି ଦେଉ ନ ଥିଲା। ଏହି କଥା କହିଛନ୍ତି ଯୁବ ଆଇପିଏସ୍ ତଥା କଟକ ଡିସିପି ଅଖିଳେଶ୍ୱର ସିଂ। ୧୯୭୯ ଅଗଷ୍ଟ ୧୬ରେ ଉତ୍ତରପ୍ରଦେଶର ଲକ୍ଷ୍ମୀ ଅଞ୍ଚଳର ଲଳିତା ଓ ରାମାଶ୍ରୟ ସିଂଙ୍କ ମଝିଆ ପୁଅ ଅଖିଳେଶ୍ୱର ଆଇପିଏସ୍ ହୋଇ ମା, ବାପାଙ୍କ ସ୍ୱପ୍ନକୁ ସାର୍ଥକ କରିଥିବା କହିଛନ୍ତି। ୨୦୦୯ରେ ସେ ଆଇପିଏସ୍ ପାଇବାରେ ସକ୍ଷମ ହୋଇଥିଲେ। କେନ୍ଦୁଝରରେ ଟ୍ରେନିଂ ପିରିୟଡ ଶେଷ କରିବା ପରେ ମାଲକାନଗିରିରେ ଏସ୍‌ଡିପିଓ ପରେ ଏସ୍‌ପି, ସମ୍ବଲପୁରରେ ଏସ୍‌ପି ଦାୟିତ୍ୱ ନିର୍ବାହ କରିଥିବା ଅଖିଳେଶ୍ୱରଙ୍କୁ ପଚରାଯାଇଥିଲା ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ।**

**ପ୍ରଥମ ଦରମାରେ କ'ଣ କରିଥିଲେ?**

୨୦୦୯ ସେପ୍ଟେମ୍ବରରେ ସରକାରୀ ଚାକିରିରେ ଯୋଗଦେଇଥିଲି। ପ୍ରଥମ ମାସର ଦରମା ମୋ ବାପାଙ୍କ ହାତକୁ ବଢାଇଥିଲି। କେବଳ ପ୍ରଥମ ମାସର ପ୍ରଥମ ଦରମା ନୁହେଁ, ପ୍ରତି ମାସରେ ମୁଁ ବାପାଙ୍କୁ ଟଙ୍କା ଦେଇଥାଏ।

**କେଉଁ ରଙ୍ଗକୁ ଭଲ ପାଆନ୍ତି?**

ନୀଳ ରଙ୍ଗ ମୋର ବହୁତ ପସନ୍ଦ। କିନ୍ତୁ ତା ଅର୍ଥ ନୁହେଁ ଯେ ଅନ୍ୟ ରଙ୍ଗ ପ୍ରତି ମୋର ଖରାପ ଧାରଣା ଅଛି।

**ସିନେମା ଦେଖନ୍ତି?**

ସିନେମା ଦେଖିବାରେ ମୋର ବହୁତ ସଉକ ଅଛି। ଶେଷଥର ପାଇଁ ହଲ୍‌ରେ ବସି ଠଗସ୍ ଅଫ୍ ହିନ୍ଦୁସ୍ତାନୀ ଦେଖିଥିଲି।

**ପସନ୍ଦର ହିରୋ, ହିରୋଇନ କେଉଁମାନେ?**

ସେମିତି କିଛି ନାହିଁ, ଯାହା ଅଭିନୟ ଭଲ ଲାଗେ ମୋତେ ସେ ଭଲ ଲାଗନ୍ତି।



**ଗୀତ ଶୁଣନ୍ତି?**

ଗୀତ ଶୁଣିବାରେ ବହୁତ ଆଗ୍ରହ। ଲତା, କିଶୋର କୁମାରଙ୍କ ଗୀତ ମୋତେ ଭଲ ଲାଗିଥାଏ। କିନ୍ତୁ ଏବେ ସେ ସବୁ ସ୍ୱପ୍ନ ପାଲଟିଛି। କାମର ଚାପ ଏତେ ବଢିଯାଇଛି ଯେ, ସେ ସବୁକୁ ମୁଁ ଭୁଲି ଯାଇଛି।

**ରୋଷେଇ ଜାଣିଛନ୍ତି?**

ରୋଷେଇ କରିବାରେ ମୁଁ ପାରଙ୍ଗମ। ସମ୍ବଲପୁର ପର୍ଯ୍ୟନ୍ତ ଅନେକ ସମୟରେ କିଚେନ ଦାୟିତ୍ୱ ସମ୍ଭାଳୁଥିଲି। ହେଲେ କଟକ ଆସିବା ପରେ ଥରୁଟିଏ ବି ରୋଷେଇ ଘରକୁ ମୋ ପାଦ ପଡ଼ିନି।

**ମାର୍କେଟିଂ କରନ୍ତି?**

କ୍ୱଚିତ ମାର୍କେଟିଂ କରେ। କାରଣ ସମୟ ଅଭାବ ଯୋଗୁ ଯାଇପାରେନା।

**ବହି ପଢ଼ନ୍ତି?**

ଏ ମୋବାଇଲ (ନିଜ ମୋବାଇଲକୁ ଦେଖାଇ) କିଛି କରାଇ ଦେଉନି। ଅଫିସ, ଘର କିମ୍ବା ଗାଡ଼ିରେ ଯିବା ସମୟରେ ସବୁବେଳେ ଫୋନ୍ ଆସିଥାଏ। ତେଣୁ ବହି ପଢ଼ିବାକୁ ସମୟ ପାଏନା।

**ଲଭ୍ ନା ଆରେଞ୍ଜ ମ୍ୟାରେଜ?**

ବାପାଙ୍କ ଇଚ୍ଛାରେ ମୁଁ ଶ୍ରୁତିଙ୍କୁ ୨୦୧୨ରେ ବିବାହ କରିଛି। ମୋ ବିବାହ ସମ୍ପୂର୍ଣ୍ଣ ଆରେଞ୍ଜ।

**ସ୍ତ୍ରୀଙ୍କର କେଉଁ ଗୁଣ ଆପଣଙ୍କୁ ପ୍ରଭାବିତ କରିଛି?**

ମୋ ଘର ଦାୟିତ୍ୱ ସମ୍ପୂର୍ଣ୍ଣ ଶ୍ରୁତିଙ୍କ ଉପରେ ନ୍ୟସ୍ତ। ସମୟ ଅଭାବରୁ ଘର କଥା ମୁଁ କିଛି ବି ବୁଝିପାରେନା। ଏହାବାଦ୍ ତାଙ୍କ ପାଖରେ ବହୁତ ସାମାଜିକ ଗୁଣ ଭରି ରହିଛି। ମୋଟାମୋଟି ଭାବେ ସେ ଜଣେ ଭଲ ମହିଳା।

**ଜୀବନର କିଛି ଅଭୁଲା ସ୍ମୃତି?**

ମୁଁ କହିବି ୩ଥର ଆଇପିଏସ୍ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ଚତୁର୍ଥ ଥର କୃତକାର୍ଯ୍ୟ ହେବାର ଆନନ୍ଦ ମୋର ସବୁଦିନ ପାଇଁ ମନେରହିବ। ତେଣୁ ସଫଳତା ପାଇଁ ପରିଶ୍ରମ ଓ ଧୈର୍ଯ୍ୟର ଯଥେଷ୍ଟ ଆବଶ୍ୟକତା ଥିବା ମୁଁ ଅଙ୍ଗେ ନିଭାଇଛି।

– ସାକ୍ଷାତ୍: ନିର୍ମଳ ପଣ୍ଡା

# ମାର୍କେଟରେ ନୂଆ

## ଅଲ୍ ନ୍ୟୁ ଆର୍ଟିଗା





ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ବଜାରକୁ ଆସିଛି ନୂଆ ଆର୍ଟିଗା। ଏହା ପଞ୍ଚମ ପିଢ଼ିର ଯାନ ହୋଇଥିବା ବେଳେ ହାର୍ଟ ଟେକ୍ ପ୍ଲାଟଫର୍ମ ସହ ଆସୁଛି। ପୂର୍ବ ମଡେଲ ତୁଳନାରେ ଏହା ବଡ ହୋଇଥିବା ବେଳେ ୧୦% ଅଧିକ ଫୁଏଲ ଏଫିସିଏନ୍ସି ପ୍ରଦାନ କରିବ। ଏହାର ପେଟ୍ରୋଲ ଭାରିଆଣ୍ଟରେ ୧.୫ ଲିଟର ଇଞ୍ଜିନ କ୍ଷମତା, ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି ଏବଂ ଲିଥିୟମ ଆୟନ ବ୍ୟାଟେରି ରହିଛି। ଏଥିରେ ଗ୍ରାହକମାନେ ଉନ୍ନତ ନିରାପତ୍ତା ବୈଶିଷ୍ଟ୍ୟ ଲାଭ କରିବାକୁ ଗ୍ରାହକ ସକ୍ଷମ ହୋଇ ପାରିବେ। ଏହାର ଏକ୍ସଶୋ'ରୁମ୍ ବଜାର ଦର ୭.୪୪ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

## ଓପୋ ଆଣିଲା ନୂଆ ଏ୭ ସ୍ମାର୍ଟଫୋନ



ପ୍ରମୁଖ ସ୍ମାର୍ଟଫୋନ୍ ନିର୍ମାତା ଓପୋ ପକ୍ଷରୁ ବଜାରକୁ ଆସିଛି ନୂଆ ଏ୭ ସ୍ମାର୍ଟଫୋନ୍। ଏହି ସ୍ମାର୍ଟଫୋନରେ ଗ୍ରାହକମାନେ ୧୩ ଏବଂ ୨ ଏମ୍‌ପିର ଡୁଆଲ ରିୟର କ୍ୟାମେରା ସହ ୧୬ ଏମ୍‌ପିର ସାମ୍ନା କ୍ୟାମେରା, ୪୨୩୦ ଏମ୍‌ଏଏଚ୍‌ର ବ୍ୟାଟେରି କ୍ଷମତା ଲାଭ କରିପାରିବେ। ସେହିଭଳି ଏଥିରେ ୱାଟର ଡ୍ରପ ସ୍କ୍ରିନ, ବ୍ୟାକ୍ କଭରରେ ୩ଡି ଆର୍ଟିଷ୍ଟିକ୍ ଟେକ୍ସର ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଆସୁଛି। ଏହା ଗ୍ଲେୟାରିଂ ଗୋଲ୍ଡ ଏବଂ ଗ୍ଲେଜ ବ୍ଲୁ ରଙ୍ଗରେ ଆସୁଛି। ଏହାର ବଜାର ଦର ୧୬,୯୯୦ ଟଙ୍କା ରହିଛି।

## ୱାନ୍ ପ୍ଲସ୍‌ର ୬-ଟି ମଡେଲ



ପ୍ରିମିୟମ ସ୍ମାର୍ଟଫୋନ୍ ବ୍ରାଣ୍ଡ ୱାନ୍ ପ୍ଲସ ପକ୍ଷରୁ ବଜାରକୁ ଆସିଛି ନୂଆ ୬-ଟି ମଡେଲ୍। ଏଥିରେ ସ୍କ୍ରିନ୍ ଅନଲକ୍, ଇନ୍ ଡିସ୍‌ପ୍ଲେ ଫିଙ୍ଗରପ୍ରିଣ୍ଟ ଟେକ୍ନୋଲୋଜି, ଲାର୍ଜ ଡିସ୍‌ପ୍ଲେ, ସେଲ୍‌ଫ ଲର୍ନିଂ ଆଲଗୋରିଦିମ୍ ସୁବିଧା ଉପଲବ୍ଧ। ମଡେଲଟିରେ ୬.୪୧ ଇଞ୍ଚର ଅପ୍ଟିକ୍ ଆମୋଲେଡ ଡିସ୍‌ପ୍ଲେ, କ୍ଲାସ ଲିଡିଂ ହାର୍ଡୱେର, ୧୬ ଏବଂ ୨୦ ମେଗା ପିକ୍ସେଲର ଡୁଆଲ ରିୟର କ୍ୟାମେରା, ୧୬ ମେଗା ପିକ୍ସେଲର ସେଲ୍ଫି କ୍ୟାମେରା ରହିଛି। ଏହା ମିଡନାଇଟ ବ୍ଲାକ, ମିରର ବ୍ଲାକ, ଥଣ୍ଡର ପର୍ପଲ ରଙ୍ଗରେ ଆସୁଛି। ଏହା ତିନୋଟି ଭାରିଆଣ୍ଟରେ ଆସୁଥିବାବେଳେ ମୂଲ୍ୟ ୩୭,୯୯୯ ଟଙ୍କାରୁ ଆରମ୍ଭ ହେଉଛି।

# ବଲିଉଡ୍‌ରେ ଓଡ଼ିଶୀ ସ୍ଥାନ ପାଇବାର ହକଦାର

**ଭାରତୀୟ ଟେଲିଭିଜନ ଦୁନିଆରେ ଜଣେ ଆଗଧାଡ଼ିର କଳାକାର ହେଉଛନ୍ତି ମହେଶ ଠାକୁର। ସମୟ ଥିଲା, ଟେଲିଭିଜନ ପରଦାରେ ଆସୁଥିବା ଚର୍ଚ୍ଚିତ ପାରିବାରିକ ସିରିଏଲର ମୁଖ୍ୟ ଭୂମିକା କେବଳ ତାଙ୍କୁ ହିଁ ମିଳୁଥିଲା। ପରେ ଟେଲିଭିଜନରୁ ବଲିଉଡରେ ପାଦ ଥାପି ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ବିଗତ ବର୍ଷଗୁଡ଼ିକରେ ମୁକ୍ତିଲାଭ କରିସାରିଥିବା ଅନେକ ବ୍ଲକବ୍ଲଷ୍ଟର ବଲିଉଡ ଫିଲ୍ମରେ ତାଙ୍କ ଅଭିନୟ ଚିରସବୁଜ ରହିବ। ନିକଟରେ କଟକରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ଜାତୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ଅବସରରେ ମହେଶଙ୍କ ସହ ଧରିତ୍ରୀ ଆଳାପ।**



**ଧରିତ୍ରୀ ଆଳାପ**

## ମହେଶ ଠାକୁର

**ଓଡ଼ିଶାକୁ ପ୍ରଥମ ଥର ପାଇଁ ଆସିଛନ୍ତି, କେମିତି ଅନୁଭବ ହେଉଛି?**

ଓଡ଼ିଶା ଆସିଲି ଅର୍ଥାତ୍ ଭୁବନେଶ୍ୱରରେ ପହଞ୍ଚି ସିଧାସଳଖ କଟକ ଆସିଛି। ଏଠାରୁ ପୁଣି ବମ୍ବେ ଫେରିଯିବି। ହେଲେ ଅଳ୍ପ ସମୟ ଭିତରେ ସବୁ ଲୋକ ଆପଣାର ଭାବ ଦେଖାଇଛନ୍ତି। ଓଡ଼ିଶୀ ନୃତ୍ୟ ମୋର ବହୁତ ପସନ୍ଦ, ସେଥିଲାଗି ଓଡ଼ିଶା ମୋତେ ଟାଣି ଆଣିଲା। ଭୁବନେଶ୍ୱରରେ ହକି ବିଶ୍ୱକପ୍ ହେଉଛି ଅର୍ଥାତ୍ ଏହି ରାଜ୍ୟ ଆଉ ଏହି ସହରର ଗୁରୁତ୍ୱ ବିଶ୍ୱସ୍ତରରେ ଅଛି।

**'ତୁ ତୁ ମେ ମେ' ସିରିଏଲର ରବି ବର୍ମା କିମ୍ବା 'ହମ ସାଥ୍ ସାଥ୍ ହେ' ଚଳଚ୍ଚିତ୍ରର ଆନନ୍ଦ ବାବୁ, କେଉଁ ଭୂମିକା ଆପଣଙ୍କୁ ସଫଳତା ଦିଗରେ ଆଗକୁ ନେଇଛି ବୋଲି ଭାବନ୍ତି?**

ଦୁଇଟିଯାକ ଭୂମିକା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଯଦି କ୍ୟାରିୟର ହିସାବରେ ମୁଁ ଦେଖେ ତେବେ 'ହମ୍ ସାଥ୍ ସାଥ୍ ହେ' ଚଳଚ୍ଚିତ୍ରର ଆନନ୍ଦ ବାବୁ ଭୂମିକା ମୋତେ ଆଗକୁ ନେଇଛି।

**ଜଣେ ସିରିଏଲ କଳାକାର ଭାବେ ଜୀବନ ଆରମ୍ଭ, ତା'ପରେ ବଲିଉଡରେ ପାଦ ଥାପିଲେ। ଏହି ଯାତ୍ରା କିପରି ଥିଲା?**

ସିରିଏଲ କରିବା ସମୟରେ ମଧ୍ୟ କିଛି ଚଳଚ୍ଚିତ୍ରରେ ସୁଯୋଗ ପାଇଛି। ହେଲେ ଯେହେତୁ ସେ ଚଳଚ୍ଚିତ୍ରଗୁଡ଼ିକ ସେତେମାତ୍ରାରେ ହିଟ୍ ହୋଇପାରିଲାନି, ତେଣୁ ମୁଁ ଲୋକଲୋଚନକୁ ଆସି ପାରି ନ ଥିଲି। ସଲମନ ଖାନଙ୍କ ଅଭିନୀତ ଚଳଚ୍ଚିତ୍ର 'ମୈନେ ପ୍ୟାର କିୟା'କୁ ସ୍ପାନିଶ ଭାଷାରେ ଡବିଂ କରାଯାଇ ପୁନର୍ବାର ମୁକ୍ତିଲାଭ କରାଯିବ ବୋଲି ଯୋଜନା ହେଉଥାଏ। ସେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୂରଯ ବଡ଼ଜାତ୍ୟା ଖବର ପାଇଲେ ଯେ ମୁଁ ସ୍ପାନିଶ ଭାଷା ଭଲ ଭାବେ କହି ଶିଖିଛି। ମୋତେ ସୁଯୋଗ ମଧ୍ୟ ଦେଲେ। ଜଣେ ଡବିଂ କଳାକାର ଭାବେ ମଧ୍ୟ କାମ କରିଛି। ଏହା ପରେ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ପରବର୍ତ୍ତୀ ଚଳଚ୍ଚିତ୍ର 'ହମ ସାଥ୍ ସାଥ୍ ହେ'ରେ ମୋତେ ଜିଜାଜି(ଭିଣୋଇ) ଆନନ୍ଦ ବାବୁ ଭୂମିକାରେ ସୁଯୋଗ ଦେଲେ।

**ଭାରତୀୟ ସିନେ ଜଗତରେ ଯଦି ପାରିବାରିକ ଭୂମିକା ଖୋଜାହୁଏ, ତେବେ ଆପଣ ନିଶ୍ଚିତ ଭାବେ ଆଗଧାଡ଼ିରେ ରହିବେ। ହେଲେ ସତ୍ୟା-୨ ଚଳଚ୍ଚିତ୍ରରେ ଖଳନାୟକ ଭାବେ ଆପଣଙ୍କୁ ଦେଖିବାକୁ ମିଳିଥିଲା। ଖଳନାୟକ ଭୂମିକାକୁ କିପରି ଖାପ ଖୁଆଇଥିଲେ?**

ଖଳନାୟକ ଭୂମିକା ଗୋଟେ ସିରିଏଲ କିମ୍ବା ଚଳଚ୍ଚିତ୍ରରେ ଏକ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଖଳନାୟକ ଭାବେ ଅଭିନୟ କରିବାର ମଜା ମଧ୍ୟ ଅଲଗା ଥାଏ। ସତ୍ୟା-୨ରେ ଲହୋଟି ଭୂମିକାରେ ଅଭିନୟ କରିଥିଲି। ସେଥିରେ ନିଜର ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିଛି, ବହୁ ପ୍ରଶଂସା ମଧ୍ୟ ପାଇଛି।

**ଆପଣଙ୍କ ପାଇଁ ଅଭିନୟ କହିଲେ କ'ଣ ବୁଝାଏ?**

ଅଭିନୟ କହିଲେ ଲୋକମାନେ କ'ଣ ଚାହାନ୍ତି ତାହାକୁ ଦେଖାଇବା। ଯେଉଁ ବି ଭୂମିକାରେ ଆପଣ ଆସନ୍ତୁ ନା କାହିଁକି ଯଦି ଦର୍ଶକ ଏହାକୁ ଫୁଲ୍‌ମାର୍କ ଦେବେ, ତେବେ ଆପଣଙ୍କ ଅଭିନୟ ସଫଳ ହେଲା ବୋଲି ଆପଣ ଭାବିବେ।

**ପୂର୍ବରୁ ବ୍ୟବସାୟ କରୁଥିଲେ, ପରେ ଅଭିନୟରେ ପାଦ ଦେଲେ। ଦୁଇଟିଯାକ କିପରି ସନ୍ତୁଳନ କରିଛନ୍ତି?**

ପୂର୍ବରୁ ବ୍ୟବସାୟ କରୁଥିଲି। ଏବେ ଅଭିନୟ ମୋ ପାଇଁ ବ୍ୟବସାୟ ଆଉ ବ୍ୟବସାୟ ମୋ ପାଇଁ ଅଭିନୟ।

**ବର୍ତ୍ତମାନ ସୁଦ୍ଧା କେଉଁ ଭୂମିକା ଆପଣଙ୍କୁ ଆତ୍ମସନ୍ତୋଷ ଦେଇଛି ବୋଲି ଭାବନ୍ତି?**

ଏକ ସିରିଏଲ ଇସ୍କବାଜ, ଯେଉଁଥିରେ ମଧ୍ୟ ମୋତେ ଏକ ଖଳନାୟକ ଭୂମିକା ମିଳିଛି। ଏଥିରେ ତେଜ ସିଂ ଓବରାୟ ଭୂମିକାରେ ଅଭିନୟ କରୁଥିବାବେଳେ ଏହା ମୋତେ ବହୁତ ଆତ୍ମସନ୍ତୋଷ ଦେଉଛି।

**ଶୁଟିଂ ସେଟ୍‌ରେ କିଛି ସ୍ମରଣୀୟ ମୁହୂର୍ତ୍ତ?**

ନିର୍ଦ୍ଦେଶକ ତଥା ଅଭିନେତା ସଚିନ ମୋତେ 'ତୁ ତୁ ମେ ମେ' ସିରିଏଲରେ ସୁଯୋଗ ଦେଇଥିଲେ। ସେ ଜଣେ ଭଲ ନିର୍ଦ୍ଦେଶକ ଆଉ ମୋର ଜଣେ ଭଲ ବନ୍ଧୁ ମଧ୍ୟ। ଶୁଟିଂ ସେଟ୍‌ରେ ମଜାମସ୍ତି ଚାଲେ। ହେଲେ ଦିନେ ତାଙ୍କ ମଜାମସ୍ତି ସବୁ ଲିମିଟ ଅତିକ୍ରମ କରିଯାଇଥିଲା। ସିନ୍ ଥିଲା, ମୋତେ ବାଥରୁମ୍‌କୁ ଯିବାକୁ ହେବ। ସଚିନ ସଟ୍ ପାଇଁ କହିଲେ, ମୁଁ ବାଥରୁମରେ ପଶିଲି ଓ ଭିତରୁ କବାଟ ବି ବନ୍ଦ କଲି। ସଚିନ କଟ୍ କହିଲେ ମୁଁ ବାହାରକୁ ବାହାରିବି। ହେଲେ ମୁଁ ବାଥରୁମ୍ ଭିତରେ ୨୦ମିନିଟ ରହିଲି। ଭାବିଲି ବାହାରେ ବୋଧେ ଅନ୍ୟ କିଛି ସଟ୍ ଚାଲିଛି। ପ୍ରାୟ ଅଧଘଣ୍ଟା ରହିବା ପରେ ବିରକ୍ତ ହୋଇ ବାଥରୁମ୍‌ରୁ ବାହାରି ଦେଖେ ତ କେହି ନାହାନ୍ତି। ଲାଇଟ ବନ୍ଦ ହୋଇ ସାରିଥାଏ। ଏହା ସଚିନଙ୍କର ଏକ ଯୋଜନା ଥିଲା, ମୋତେ ହଇରାଣ କରିବାର।

**ଏବେ '#ମି ଟୁ' କୁ ନେଇ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ କ'ଣ କହିବେ?**

'#ମି ଟୁ' ହେଉଛି ଏମିତି ଏକ ଆନ୍ଦୋଳନ, ଯାହା ଅବହେଳିତ ହେଉଥିବା ନାରୀମାନଙ୍କୁ ନ୍ୟାୟ ଦେବା ପାଇଁ ଉଦ୍ଦିଷ୍ଟ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ କେହି ନିର୍ଯାତିତ ହେଉଥିଲେ ସୁଇସାଇଡ୍ କରୁଥିଲେ। ହେଲେ ନିର୍ଯାତନା ସହୁଥିବା ନାରୀମାନଙ୍କୁ ନ୍ୟାୟ ପାଇବାର ବାଟ ଏବେ ସହଜ ହୋଇଛି।

**ସହଧର୍ମିଣୀ ସ୍ୱପ୍ନା ଆପଣଙ୍କ କ୍ୟାରିୟରକୁ ନେଇ କିପରି ସମର୍ଥନ ଦିଅନ୍ତି?**

ସେ ବହୁତ ସାଦାସିଧା ବ୍ୟକ୍ତି। ମୋର କ'ଣ ଭୁଲ, କ'ଣ ଠିକ୍ ସେ ମୋ ମୁହଁରେ କୁହନ୍ତି। ମୋ କ୍ୟାରିୟର ଆଗକୁ ଯିବା କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଛି।

**ବଲିଉଡ ଇଣ୍ଡଷ୍ଟ୍ରିରେ ନବାଗତମାନଙ୍କୁ ନେଇ କିପରି ଚ୍ୟାଲେଞ୍ଜ ରହିଛି ବୋଲି ଆପଣ ଭାବନ୍ତି?**

ଇଣ୍ଡଷ୍ଟ୍ରିରେ କେବଳ ନବାଗତ ନୁହେଁ, ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ରହୁଛି। ଜଣେ ଲେଖକ, ନିର୍ଦ୍ଦେଶକ ବି ଏହାର ସମ୍ମୁଖୀନ ହେଉଛନ୍ତି। ସଫଳତା ପାଇବାକୁ ହେଲେ ଚ୍ୟାଲେଞ୍ଜକୁ ସାହସର ସହ ସମ୍ମୁଖୀନ କରିବାକୁ ହେବ।

**ବଲିଉଡରେ ଓଡ଼ିଶୀ ନୃତ୍ୟକୁ କେବେ ସ୍ଥାନ ମିଳିବ?**

ନିଶ୍ଚିତ ମିଳିବ। ଓଡ଼ିଶୀ ସୁଯୋଗ ପାଇବାର ହକଦାର ମଧ୍ୟ। ଓଡ଼ିଶୀକୁ ନେଇ କିଛି ଦୃଶ୍ୟ ବଲିଉଡ ଫିଲ୍ମରେ ରଖାଯାଇପାରେ।

**- ସାକ୍ଷାତ୍: କୁମାରଶ୍ରୀ ସାହୁ**